## ମଦ ଜବତ, ଜଣେ ଗିରଫ

ଅନୁଗୋଳ ଅଫିସ: ଅନୁଗୋଳ ପୋଲିସ ପକ୍ଷରୁ ବୁଧବାର ତୁରଙ୍ଗ ଅଞ୍ଚଳର ମାନସ ବେହେରାଙ୍କ ନିକଟରୁ ୩୦ ବୋତଲ ମଦ ଜବତ କରାଯାଇଛି। ଏଥିସହ ଚୋରା ମଦ ବିକ୍ରି ଅଭିଯୋଗରେ ମାନସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅନୁଗୋଳ ଏସ୍‌ଆଇ ଅବଦୁଲ ୱାସିମ ଖାନ୍, ପ୍ରଶାନ୍ତ ପ୍ରଧାନ ଓ କନଷ୍ଟେବଳ ଅଶ୍ୱନୀ କୁମାର ସାହୁ ସାମିଲ ଥିଲେ।

## ସଂକ୍ଷେପରେ

### ୭୬୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୯।୫: ଅନୁଗୋଳ ଜିଲାରୁ ବୁଧବାର ୭୬୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୬ ହଜାର ୯୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ଅଞ୍ଚଳରୁ ସର୍ବାଧିକ ୧୯୪ ଜଣ, ବଣ୍ଡାରପାଳ ବ୍ଲକରୁ ୧୧୫, ଅନୁଗୋଳ ବ୍ଲକରୁ ୮୮, ତାଳଚେର ବ୍ଲକରୁ ୮୦, କଣିହାଁ ବ୍ଲକରୁ ୫୯, ତାଳଚେର ପୌରପାଳିକାରୁ ୪୭, ଆଠମଲ୍ଲିକ ବ୍ଲକରୁ ୪୩, ଅନୁଗୋଳ ପୌରାଞ୍ଚଳରୁ ୩୮, କିଶୋରନଗର ବ୍ଲକରୁ ୩୫, ପାଲଲହଡ଼ା ବ୍ଲକରୁ ୧୭ ଓ ଆଠମଲ୍ଲିକ ଏନ୍‌ଏସିରୁ ୧୬ ଜଣ ରହିଛନ୍ତି। ଲକ୍ଷଣ ଥିବା ସଂକ୍ରମିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ୯୯ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪୯୧ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

### ଉପଜିଲାପାଳଙ୍କ ଯୋଗଦାନ

ତାଳଚେର, ୧୯।୫(ନି.ପ୍ର.): ଅନୁଗୋଳ ଜିଲା ତାଳଚେର ଉପଖଣ୍ଡରେ ନୂତନ ଉପଜିଲାପାଳ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ରଥ ବୁଧବାର ଯୋଗଦାନ କରିଛନ୍ତି। ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି।



କରୋନା ମହାମାରୀର ମୁକାବିଲା ସହ ତାଳଚେରର ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ନୂଆ ଉପଜିଲାପାଳ ପ୍ରକାଶ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ସହକାରୀ ଜିଲାପାଳ ଚିନ୍ମୟ ଦାସ, ମିନର୍ଭା ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ, ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଧୀରେନ କୁମାର ଦାସ, ମଳୟ କୁମାର ଦଳେଇ, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂର୍ବରୁ ଉପଜିଲାପାଳ ଥିବା ରଜନୀକାନ୍ତ ସ୍ୱାଇଁ ତାଳଚେର ଅତିରିକ୍ତ ଜିଲାପାଳ ଭାବେ ଯୋଗ ଦେଇଛନ୍ତି।

# ଆଠମଲ୍ଲିକରେ ହେଉ କୋଭିଡ୍ କେୟାର ସେଣ୍ଟର

- ଉପଖଣ୍ଡରେ ସ୍ଥିତି ବିଗାଡୁଛି କରୋନା
- ୩୫୦ ଗାଁରେ କଲାଣି କାୟା ବିସ୍ତାର
- ୧୫ଶହରୁ ଅଧିକ ଲୋକ ହେଲେଣି ସଂକ୍ରମିତ

ମନୋଜ ପ୍ରଧାନ
ମାଧପୁର, ୧୯।୫

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଗାଁ କୋଭିଡ୍ କବଳକୁ ଯାଉଥିବାବେଳେ ସଂକ୍ରମିତଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇ ଦିଆଯାଇ ପାରୁନାହିଁ। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ କୋଭିଡ୍ କେୟାର ସେଣ୍ଟର ନ ଥିବାରୁ ଏଠାକାର ଗୁରୁତରଙ୍କୁ ୧୦୦କିଲୋମିଟର ଦୂର ଅନୁଗୋଳ କୋଭିଡ୍ କେୟାର ସେଣ୍ଟର ନଚେତ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଉଛି। ଫଳରେ ଏକାଧିକ ସଂକ୍ରମିତଙ୍କ ରାସ୍ତାରେ ହିଁ ମୃତ୍ୟୁ ହୋଇଯାଉଛି। ତେଣୁ ଆଠମଲ୍ଲିକ ଉପଖଣ୍ଡରେ ଏକ କୋଭିଡ୍ କେୟାର ସେଣ୍ଟର (ସିସିସି) ପାଇଁ ଦାବି ହେଉଛି।

ଆଠମଲ୍ଲିକ ଉପଖଣ୍ଡରେ ସ୍ୱାସ୍ଥ୍ୟସେବା ଦୀର୍ଘଦିନରୁ ଅବହେଳିତ ଅବସ୍ଥାରେ ରହିଛି। ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଖାଲି ଥିବାବେଳେ ଅନ୍ୟ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀଙ୍କ ଅଭାବ ଥିଲେ ମଧ୍ୟ ତାହାକୁ ପୂରଣ କରାଯାଉ ନାହିଁ। କରୋନାର ପ୍ରଥମ ଲହର ଉପଖଣ୍ଡକୁ ଅଧିକ ପ୍ରଭାବିତ କରି ନ ଥିଲା। ତେବେ ଦ୍ୱିତୀୟ ଲହରରେ ଆଠମଲ୍ଲିକ ଏନ୍‌ଏସିର ବିଭିନ୍ନ ୱାର୍ଡ ସହ ବହୁ ଗାଁରୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଆଠମଲ୍ଲିକ ବ୍ଲକର ୧୧୬ ଗ୍ରାମକୁ ସଂକ୍ରମଣ ଛୁଇଁ ସାରିଛି। ୫୭୦ରୁ ଅଧିକ ପଜିଟିଭ୍ ଏଠାରୁ ଚିହ୍ନଟ ହୋଇଥିବାବେଳେ ୧୭ଟି ଗାଁକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିବା ନୋଡାଲ ଅଫିସର ଏବିଡିଓ ଦିଲୀପ ପ୍ରଧାନ ସୂଚନା ଦେଇଛନ୍ତି। ଚିହ୍ନଟ ସଂକ୍ରମିତମାନଙ୍କ ମଧ୍ୟରୁ ଅନେକେ ଘରେ ସଙ୍ଗରୋଧରେ ଥିବାବେଳେ କେତେଜଣଙ୍କୁ କୋଭିଡ୍ କେୟାର ସେଣ୍ଟର ଓ ମେଡିକାଲରେ ଭର୍ତ୍ତି କରାଯାଇଛି। କିଛିଦିନ ତଳେ ମାଧପୁର ପଞ୍ଚାୟତ କୁନ୍ଦନାଳୀ ଗ୍ରାମର ଜଣେ ଯୁବକଙ୍କ କରୋନାରେ ପ୍ରାଣହାନି ଘଟିଥିଲା। ତାଙ୍କ ମା’ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଡାକ୍ତରଖାନା ନିଆଯିବା ବାଟରେ ମୃତ୍ୟୁ ହୋଇଯାଇଥିଲା। ସେହିପରି କିଶୋରନଗର ବ୍ଲକରେ ମଧ୍ୟ କରୋନା କାୟା ବିସ୍ତାର କରିଛି। ବଇଣ୍ଡା ବଜାର ସହ ଆଖପାଖ ଅଞ୍ଚଳରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବ୍ଲକର ୨୨୫ ଗାଁରେ ସଂକ୍ରମଣ ପହଞ୍ଚି ସାରିଥିବାବେଳେ ୧୦୦୦ରୁ ଅଧିକ ପଜିଟିଭ୍ ବାହାରି ସାରିଲେଣି। ବର୍ତ୍ତମାନ ୪ଟି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ବିଡିଓ ଶ୍ୟାମଳ କୁମାର ରାୟ ସୂଚନା ଦେଇଛନ୍ତି। ତେଣୁ ଉପଖଣ୍ଡର ୩୫୦ ଗ୍ରାମରୁ ୧୫ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇସାରିଛନ୍ତି। କରୋନାର ତୃତୀୟ ଲହରକୁ ନେଇ ଏବେ ସମସ୍ତେ ଚିନ୍ତିତ ଥିବାବେଳେ ସରକାରଙ୍କ ପକ୍ଷରୁ ମଧ୍ୟ ପ୍ରସ୍ତୁତି କରାଯାଉଛି। ତେଣୁ ଉପଖଣ୍ଡରେ ସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ଏଠାରେ ୫୦ ଅକ୍ସିଜେନ ବେଡ୍ ବିଶିଷ୍ଟ ଏକ କୋଭିଡ୍ କେୟାର ସେଣ୍ଟର ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

### ସିସିସି ସ୍ଥାପନ ଅପରିହାର୍ଯ୍ୟ



“ବର୍ତ୍ତମାନ ଉପଖଣ୍ଡର ବିଭିନ୍ନ ଗାଁରୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେଣୁ ଘର ଘର ବୁଲି ଟେଷ୍ଟିଂ କରାଗଲେ ଏହାକୁ ଆୟତ୍ତ କରାଯାଇପାରିବ। ଏଥିସହ ସଂକ୍ରମିତଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବାକୁ ହେଲେ ଆଠମଲ୍ଲିକରେ ଏକ କୋଭିଡ୍ କେୟାର ସେଣ୍ଟର (ସିସିସି) ସ୍ଥାପନ ଅପରିହାର୍ଯ୍ୟ ହୋଇପଡ଼ିଛି।

–ଡାକ୍ତର ଅଲେଖ ପ୍ରଧାନ, ଭାଜପା ନେତା, ନାର୍କିଚି

### ବହୁ ଗୁରୁତରଙ୍କ ଜୀବନ ଗଲାଣି



“କରୋନା ସଂକ୍ରମିତ ହୋଇ କେହି ଗୁରୁତର ହେଲେ ଆଠମଲ୍ଲିକ ଉପଖଣ୍ଡରେ ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରି କି ଅକ୍ସିଜେନ ଅଭାବରୁ ଉପଖଣ୍ଡର ବହୁ କୋଭିଡ୍ ରୋଗୀଙ୍କ ମୃତ୍ୟୁ ହେଲେଣି। ସରକାର ତୁରନ୍ତ ଆଠମଲ୍ଲିକ ଉପଖଣ୍ଡରେ ଏକ କୋଭିଡ୍ କେୟାର ସେଣ୍ଟର ବ୍ୟବସ୍ଥା କରନ୍ତୁ।

–ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ ବଇଣ୍ଡା

### ସ୍ୱର ଉଠାଉନାହାନ୍ତି ଜନପ୍ରତିନିଧି



“ଆଠମଲ୍ଲିକ ଉପଖଣ୍ଡରେ ଦିନକୁ ଦିନ କରୋନା ତାହାର କାୟା ବିସ୍ତାର କରିଚାଲିଛି। ଏକାଧିକ ଲୋକଙ୍କ ଜୀବନ ନେଲାଣି ଏହି ମହାମାରୀ। ଆଗକୁ ସ୍ଥିତି ଭୟଙ୍କର ହେବ ବୋଲି କୁହାଯାଉଛି। କିନ୍ତୁ କୋଭିଡ୍ କେୟାର ସେଣ୍ଟରଟିଏ ପାଇଁ ଜନପ୍ରତିନିଧିମାନେ ସ୍ୱର ଉଠାଉ ନାହାନ୍ତି।

–ବସନ୍ତ ମହାନ୍ତି, ଶିକ୍ଷାବିତ୍, ମାଧପୁର

### ଆଶ୍ୱାସନା ଦେଉଛି ଅଟୋ ଆମ୍ବୁଲାନ୍ସ



“କିଆକଟା ଠାରୁ ଅନୁଗୋଳର ଦୂରତା ୧୧୫ କିଲୋମିଟର। କୋଭିଡ୍ ପୀଡ଼ିତ ଗୁରୁତରଙ୍କୁ ଏତେ ଦୂର ନିଆଯିବା ବେଳେ କିଛି ବି ଘଟିପାରେ। ତେଣୁ ଉପଖଣ୍ଡରେ ଚିକିତ୍ସା ବ୍ୟବସ୍ଥା କରାଗଲେ ଭଲ ହେବ। ତେବେ ପ୍ରଶାସନ କରିଥିବା ଅକ୍ସିଜେନ ବ୍ୟବସ୍ଥା ଥିବା ଅଟୋ ଆମ୍ବୁଲାନ୍ସ ଏକମାତ୍ର ଆଶ୍ୱାସନା।

–ଜୟାନନ୍ଦ ପ୍ରଧାନ, କିଆକଟା

### ସିସିସି ସହ ଗାଁ ଗାଁରେ ଟେଷ୍ଟ ଜରୁରୀ



“ଉପଖଣ୍ଡରେ କରୋନା ବ୍ୟାପୁଥିବାରୁ ସାହିବସ୍ତି, ଗାଁ ଗାଁ ବୁଲି ସର୍ଭେ ସହ ଟେଷ୍ଟ ଜରୁରୀ ହୋଇପଡ଼ିଛି। ଠିକଣା ସମୟରେ ଚିକିତ୍ସା ମିଳୁ ନ ଥିବାରୁ ଆଠମଲ୍ଲିକ ଅଞ୍ଚଳର ବହୁ ରୋଗୀଙ୍କ ମୃତ୍ୟୁ ହେଲାଣି। ସରକାର ତୁରନ୍ତ ଆଠମଲ୍ଲିକ ଓ କିଶୋରନଗରରେ ସିସିସି ସ୍ଥାପନ କରନ୍ତୁ।

–ବିଜୟାନନ୍ଦ ଚାଉଳିଆ, ପୂର୍ବତନ ପିସିସି ସମ୍ପାଦକ, ଆଠମଲ୍ଲିକ

### ପ୍ରଶାସନିକସ୍ତରରେ ଉଦ୍ୟମ ଚାଲିଛି



“ଏକ ସପ୍ତାହ ମଧ୍ୟରେ ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ୪୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଖୋଲିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଛି। ଉପଖଣ୍ଡବାସୀ କିପରି ଭଲରେ ଚିକିତ୍ସା ପାଇବେ ସେ ନେଇ ଉଦ୍ୟମ ଜାରି ରହିଛି।

–ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

### ଡାକ୍ତର ଆସିଲେ କାର୍ଯ୍ୟକ୍ଷମ



“ଆଠମଲ୍ଲିକ ଉପଖଣ୍ଡରେ ଏକ କୋଭିଡ୍ କେୟାର ସେଣ୍ଟର ଖୋଲାଯିବ। ଏ ନେଇ ସ୍ଥାନ ନିରୂପଣ ଶେଷ ହୋଇଛି। କେବଳ ସରକାର ନିଯୁକ୍ତି ଦେଇଥିବା ଡାକ୍ତରମାନେ ଆସି କାର୍ଯ୍ୟରେ ଯୋଗଦେବା ପରେ ଏହା କାର୍ଯ୍ୟକ୍ଷମ ହେବ। ଫଳରେ କୋଭିଡ୍ ପରିଚାଳନା ଶୃଙ୍ଖଳିତ ଭାବେ ହୋଇପାରିବ।

–ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

## ଟିକାନେଲେ ୯୫୨ ଜଣ, ଆଜି ବନ୍ଦ

ଅନୁଗୋଳ ଅଫିସ, ୧୯।୫

ଅନୁଗୋଳ ଷ୍ଟାଡିୟମ ଠାରେ ଆୟୋଜିତ ମେଗା ଟିକାକରଣ ଶିବିରର ଦ୍ୱିତୀୟ ଦିନରେ ୯୫୨ ଜଣ ବ୍ୟକ୍ତି ଟିକା ନେଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଷ୍ଟାଡିୟମରେ ୮ଟି କାଉଣ୍ଟର ଖୋଲାଯାଇ ଟିକା ପ୍ରଦାନ କରାଯାଉଛି। ତେବେ ୨ ଦିନରେ ମୋଟ୍ ୨ହଜାର ୨୫୨ ଜଣ ଟିକା ନେଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଜିଲାର ସମସ୍ତ ଟିକାଦାନ କେନ୍ଦ୍ରରେ ଟିକାକରଣ ବନ୍ଦ ରହିବ ବୋଲି ଜିଲାପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଟିକା ଶେଷ ହୋଇଯାଇଥିବାରୁ ଏହାକୁ ବନ୍ଦ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଟିକା ଆସିବା ପରେ ପୁଣି କାର୍ଯ୍ୟକ୍ରମ ଜାରି ରହିବ।

## ଯତ୍ନ କେନ୍ଦ୍ର ହେଉ କୋଭିଡ୍ ହସ୍ପିଟାଲ୍

ବଣ୍ଡାରପାଳ, ୧୯।୫(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ନଗର ତଥା ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ କରୋନା ସଂକ୍ରମଣ ସାଂଘାତିକ ସ୍ଥିତିରେ ପହଞ୍ଚିଲାଣି। ଦୈନିକ ଏଠାରୁ ୪୦ ରୁ ୫୦ ପଜିଟିଭ୍ ବାହାରିବା ଚିନ୍ତା ବଢ଼ାଇ ଦେଲାଣି। ନାଲ୍‌କୋ ନଗର ଟାଉନଶିପ୍ ଅଧିବାସୀଙ୍କ ପାଇଁ ୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଯତ୍ନ କେନ୍ଦ୍ର ନାଲ୍‌କୋ ଏଲ୍.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟଠାରେ ଖୋଲାଯାଇଛି। କିନ୍ତୁ ଗୁରୁତରଙ୍କ ଜୀବନରକ୍ଷା ପାଇଁ ଏଠାରେ ବ୍ୟବସ୍ଥା ନାହିଁ। ତେଣୁ ଏହି ନାଲ୍‌କୋ ଯତ୍ନ କେନ୍ଦ୍ରକୁ କୋଭିଡ୍ ହସ୍ପିଟାଲରେ ପରିବର୍ତ୍ତନ ସହ ଆଇସିୟୁ, ଭେଣ୍ଟିଲେଟର ବ୍ୟବସ୍ଥା ଥିବା ୧୦୦ ଶଯ୍ୟା ବିଶିଷ୍ଟ କରିବାକୁ ନାଲ୍‌କୋର ବରିଷ୍ଠ ଶ୍ରମିକ ନେତା ବିଭବ ଜେନା ନାଲ୍‌କୋ ସିଏମ୍‌ଡିଙ୍କ ଠାରେ ଦାବି ଜଣାଇଛନ୍ତି।

## ଜରିମାନା ଗଣି ଫେରିଲେ ଅମାନିଆ



ଅନୁଗୋଳ ଅଫିସ, ୧୯।୫: ଅନୁଗୋଳ ସହର ମାଛ ମାର୍କେଟରେ ବୁଧବାର ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। କୋଭିଡ୍ ନିୟମକୁ ଜଳାଞ୍ଜଳି ଦେଇ ମାଛ ମାର୍କେଟରେ ଲୋକେ ହାଉଯାଉ ହୋଇଥିଲେ। ସେହିପରି ପରିବା ବଜାର ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ କରାଯାଇଥିଲେ ମଧ୍ୟ ଅମାନିଆ ବ୍ୟବସାୟୀ ପୂର୍ବସ୍ଥାନରେ ଦୋକାନ ଖୋଲିଥିଲେ। ଏ ନେଇ ସଚେତନ ନାଗରିକମାନେ ଅନୁଗୋଳ ଜିଲା ପୋଲିସ ମୁଖିଆଙ୍କୁ ସୂଚନା ଦେବା ପରେ ଚଢ଼ାଉ ଆରମ୍ଭ ହୋଇଥିଲା। ଅମାନିଆ ବ୍ୟବସାୟୀ ଓ ଲୋକଙ୍କ ନିକଟରୁ ମୋଟା ଅଙ୍କର ଜରିମାନା କଟାଯାଇଥିଲା। ଫଳରେ ଆମିଷ ପାଇଁ ଭିଡ଼ କରୁଥିବା ଲୋକମାନେ ଜରିମାନା ଦେଇ ଘରକୁ ଫେରିଥିଲେ। ଅମଲାପଡ଼ାର ଏକ ପରିବା ଦୋକାନୀଙ୍କୁ ତାଗିଦ୍ ସହ ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ଅନୁଗୋଳ ଥାନା ଏସ୍‌ଆଇ ଅବଦୁଲ ୱାସିମ ଖାନ୍, ଏଏସ୍‌ଆଇ ଜିତେନ୍ଦ୍ର ନାଥ ସିଂହଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

## ବେଆଇନ ବାଲି ଚାଲାଣ, ୭ ଗିରଫ

ତାଳଚେର, ୧୯।୫(ନି.ପ୍ର.)

ତାଳଚେର ବ୍ଲକ ସନ୍ଥପଡା ଦାସନାଳୀ ବାଲିଘାଟରେ ବୁଧବାର ତାଳଚେର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୫ ବାଲି ବୋଝେଇ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବାଲିଘାଟ ମାଲିକ ବୀର ଓରଫ ବିକ୍ରମ ସିଂହ ସାମଲ, ମ୍ୟାନେଜର ହୃଷୀକେଶ ଧୀର, ପ୍ରକାଶ ଚନ୍ଦ୍ର ସାମଲ, ହରିହର ବେହେରା, ସିଦ୍ଧେଶ୍ୱର ସାହୁ, ବଛିଆ ସାହୁ ଓ ନବକିଶୋର ସାହୁ। ପୋଲିସ କହିଛି, ଅପରାହ୍ନରେ ଉକ୍ତ ବାଲିଘାଟରୁ ବେଆଇନ ଭାବେ ବାଲି ଲୋଡିଂ ହୋଇ ଚାଲାଣ ହେଉଥିଲା। ଖବରପାଇ ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ କର୍ମଚାରୀମାନେ ପହଞ୍ଚି ଚଢ଼ାଉ କରିଥିଲେ। ଦୀର୍ଘଦିନ ହେଲା ଏପରି ବେଆଇନ ଭାବେ ବାଲି ଚାଲାଣ ହେଉଥିବା ପୋଲିସ କହିଛି। ଏ ନେଇ ତାଳଚେର ଥାନାରେ ନଂ. ୧୯୮/୨୧ରେ ମାମଲା ରୁଜୁ ହୋଇଛି।



ଜବତ ଗାଡ଼ି ସହ ଗିରଫ ଅଭିଯୁକ୍ତମାନେ।

## ଜରିମାନା ଦେଲେ ନକଲି ଖବରଦାତା

ଆଠମଲ୍ଲିକ, ୧୯।୫(ଡି.ଏନ.ଏ.)

ଖବରଦାତା ପରିଚୟ ଦେଇ ପୋଲିସକୁ ଚକମା ଦେବାକୁ ଉଦ୍ୟମ କରି ଜନୈକ ଯୁବକ ୨୦୦ ଟଙ୍କା ଜରିମାନା ଦେବା ଘଟଣା ବୁଧବାର ଆଠମଲ୍ଲିକରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ଜଣାପଡ଼ିଛି, ବୁଧବାର ସନ୍ଧ୍ୟାରେ ଗାନ୍ଧୀ ଛକ ନିକଟରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା। ସେହି ସମୟରେ ଜଣେ ଯୁବକ ଅମାନିଆ ହୋଇ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା। ପରେ ସମ୍ପୃକ୍ତ ଯୁବକ ନିଜକୁ ଖବରଦାତା କହି ପୋଲିସ ସହ ଯୁକ୍ତିତର୍କ କରିଥିଲେ। ପୋଲିସ ତାଙ୍କୁ ଥାନାକୁ ନେବାପରେ ସେ ଜଣେ ଗାଡି ଚାଳକ ବୋଲି ଜଣାପଡ଼ିଥିଲା। ଏହାପରେ ଯୁବକ ଜଣକ ଭୁଲ୍ ସ୍ୱୀକାର କରିବା ସହ ୨୦୦ ଟଙ୍କା ଜରିମାନା ଦେଇଥିବା ଜଣାଯାଇଛି। ସେହିପରି ଆଠମଲ୍ଲିକ ପୋଲିସ ପକ୍ଷରୁ ବୁଧବାର ମାଧପୁର ଓ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳରେ କରୋନା କଟକଣା ମାନୁ ନ ଥିବା ଅମାନିଆଙ୍କଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।

## କୋଭିଡ୍ ସଂକ୍ରମିତଙ୍କ ଗଣଧାରଣା



ତାଳଚେର ଉପଖଣ୍ଡ ଆଦର୍ଶ ବିଦ୍ୟାଳୟରେ ହୋଇଥିବା ସିସିସି ସମ୍ମୁଖରେ କରୋନା ସଂକ୍ରମିତମାନେ ଗଣଧାରଣା ଦେଇଛନ୍ତି।

ତାଳଚେର, ୧୯।୫(ନି.ପ୍ର.)

ଅନୁଗୋଳ ଜିଲା ତାଳଚେର ଉପଖଣ୍ଡ ଆଦର୍ଶ ବିଦ୍ୟାଳୟରେ ଖୋଲାଯାଇଥିବା କୋଭିଡ୍ କେୟାର ସେଣ୍ଟରରେ ବ୍ୟାପକ ଅବ୍ୟବସ୍ଥା ନେଇ ବୁଧବାର ଚିକିତ୍ସିତ କରୋନା ସଂକ୍ରମିତମାନେ ଗଣଧାରଣା ଦେଇଥିଲେ। ଏହି ସେଣ୍ଟରରେ ୮୦ ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ଖାଦ୍ୟ, ଅକ୍ସିଜେନ ଯୋଗାଣ ଠିକ୍‌ଭାବେ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ବେଡ୍‌ଶିଟ ବଦଳାଯାଉ ନାହିଁ। ଦୀର୍ଘଦିନ ଧରି ଶୌଚାଳୟ ସଫା ହେଉନାହିଁ। ସଂକ୍ରମିତଙ୍କ ମୃତଦେହ ଦୀର୍ଘ ସମୟ ଧରି ପଡି ରହୁଛି। ବାରମ୍ବାର ଅଭିଯୋଗ ପରେ ପଦକ୍ଷେପ ନିଆ ନ ଯିବାରୁ କରୋନା ରୋଗୀମାନେ ଗଣଧାରଣାରେ ବସି ରହିଥିଲେ। ଖବରପାଇ ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବାରୁ ରୋଗୀମାନେ ଧାରଣାରୁ ଉଠିଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଅମାନ୍ତ କହିଛନ୍ତି, ୮୦ ଜଣଙ୍କ ମଧ୍ୟରୁ ୨୦ ଜଣ ଧାରଣାରେ ବସିଥିଲେ। ବୁଝାଶୁଝା ପରେ ସେମାନେ ଉଠିଯାଇଛନ୍ତି। ସମସ୍ୟାର ସମାଧାନ କରାଯିବ।

## ଜେଏସ୍‌ପିଏଲ୍ ପକ୍ଷରୁ ଅକ୍ସିଜେନ ଟ୍ୟାଙ୍କର ଯୋଗାଣ

ଭୁବନେଶ୍ୱର, ୧୯।୫: କୋଭିଡ୍-୧୯ ମହାମାରୀ ମୁକାବିଲାରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ନିମନ୍ତେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ୍) ପକ୍ଷରୁ ଦୁଇଟି କ୍ରାଓଜେନିକ ଟ୍ୟାଙ୍କର ଯୋଗାଇ ଦିଆଯାଇଛି। କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ତରଳ ମେଡିକାଲ ଅକ୍ସିଜେନ ପରିବହନ ପାଇଁ ଏହି ଟ୍ୟାଙ୍କର ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବହାର କରାଯିବ। ନିକଟରେ ରାଜ୍ୟରେ ଥିବା ଶିଳ୍ପାନୁଷ୍ଠାନ ଏବଂ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ବୈଠକରେ କୋଭିଡ୍ ମୁକାବିଲା ନିମନ୍ତେ ସହଯୋଗ କରିବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାର ସପ୍ତାହେ ମଧ୍ୟରେ ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଉଦ୍ୟମରେ କମ୍ପାନୀ ପକ୍ଷରୁ ୨ଟି ଅକ୍ସିଜେନ ଟ୍ୟାଙ୍କର ରାଜ୍ୟ ସରକାରଙ୍କୁ ଯୋଗାଇ ଦିଆଯାଇଛି। ସେହିଭଳି ଜେଏସ୍‌ପିଏଲ୍ ଏହାର ଅନୁଗୋଳସ୍ଥିତ ମେଗା ଇସ୍ପାତ କାରଖାନାରୁ ଗତ ଏପ୍ରିଲରୁ ତରଳ ମେଡିକାଲ ଅମ୍ଳଜାନ (ଏଲ୍‌ଏମ୍‌ଓ) ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଇ ଦେଇଆସୁଛି। ଦେଶର ବିଭିନ୍ନ ଡାକ୍ତରଖାନାକୁ ପ୍ରତିଦିନ ପ୍ରାୟ ୧୦୦ ଟନ ତରଳ ମେଡିକାଲ ଅମ୍ଳଜାନ ଜେଏସ୍‌ପିଏଲ୍ ପକ୍ଷରୁ ଟ୍ୟାଙ୍କର ଯୋଗେ ପଠାଯାଉଛି।

## ପ୍ରଶାସନ ପକ୍ଷରୁ ଚଢ଼ାଉ

ବଇଣ୍ଡା, ୧୯।୫(ଡି.ଏନ.ଏ.)

କିଶୋରନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୦ ଛୁଇଁଛି। ବିଶେଷକରି ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ତହସିଲ ପ୍ରଶାସନ ପକ୍ଷରୁ ଜୋରଦାର ଚଢ଼ାଉ କରାଯାଉଛି। ବୁଧବାର ବଇଣ୍ଡାରେ ୩୨ ଜଣଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୨୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ସୋଲଣ୍ଡାରେ ୧୪ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବାବେଳେ ୧୪ ଜଣ ପଜିଟିଭ୍, ପାପସରାରେ ୯ଜଣଙ୍କ ମଧ୍ୟରୁ ୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ମେଡିକାଲ ପକ୍ଷରୁ ଜଣାପଡିଛି। ବଇଣ୍ଡାରେ କେତେଜଣ କରୋନା ଆକ୍ରାନ୍ତ ଥିବା ବ୍ୟକ୍ତି ବଜାରରେ ବୁଲାବୁଲି କରୁଥିବା ଯୋଗୁ ସଂକ୍ରମଣ ବଢୁଛି। ପୋଲିସ ପକ୍ଷରୁ କଡାକଡ଼ି ଯାଞ୍ଚ କରାଯାଉ ନ ଥିବାରୁ ବହୁ ଲୋକ କଟକଣା ଉଲ୍ଲଂଘନ କରୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ଗାଁ ବଇଣ୍ଡା ଅଞ୍ଚଳକୁ ସାନିଟାଇଜ କରାଯାଇଥିବା ବେଳେ ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସାନହୁଲା ଅଞ୍ଚଳକୁ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯାଇଛି।



ଅଗ୍ନିଶମ ବିଭାଗ ପକ୍ଷରୁ ଗାଁ ବଇଣ୍ଡା ଅଞ୍ଚଳକୁ ସାନିଟାଇଜ୍ କରାଯାଉଛି।

## ଅନୁଗୋଳରେ ଆରମ୍ଭ ହେଲା ସିଏମ୍‌ଏସ୍

ଅନୁଗୋଳ ଅଫିସ, ୧୯।୫

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଅନୁଗୋଳ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସିଏମ୍‌ଏସ୍) ପୋର୍ଟାଲ ଆରମ୍ଭ ହୋଇଛି। ଏଥିରେ ଘରେ ବସି ଲୋକମାନେ ସୁବିଧାରେ କୋଭିଡ୍ ଟେଷ୍ଟ ରିପୋର୍ଟ ପାଇପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ପୋର୍ଟାଲ ଯୋଗୁ କୋଭିଡ୍ ଟେଷ୍ଟ ରିପୋର୍ଟ ଆଣିବାକୁ ଆଉ ଲୋକଙ୍କୁ ମେଡିକାଲ ଯିବାକୁ ପଡ଼ିବ ନାହିଁ। ସେମାନେ କେବଳ ସ୍ୱାବ୍ ଦେବେ। ନେଗେଟିଭ୍ କି ପଜିଟିଭ୍ ସେ ନେଇ ମୋବାଇଲକୁ ମେସେଜ୍ ଆସିବ। ଲୋକମାନେ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଅନୁଗୋଳ ସିଏମ୍‌ଏସ୍. କମ୍ ମାରିଲେ ପୋର୍ଟାଲ ଖୋଲିବ। ଏଥିରୁ ସେମାନେ ରିପୋର୍ଟ ଡାଉନଲୋଡ୍ କରିପାରିବେ। ଏହି ପୋର୍ଟାଲରେ ଗତ ୧୫ ତାରିଖ ଠାରୁ ରିପୋର୍ଟ ମିଳିପାରୁଛି। ସେହିପରି ଆମ୍ବୁଲାନ୍ସ, କୋଭିଡ୍ ରୋଗୀଙ୍କ ଚିକିତ୍ସା, ଅକ୍ସିଜେନ୍ ଉପଲବ୍ଧତା ନେଇ ସବିଶେଷ ତଥ୍ୟ ଏଣିକି ପ୍ରଶାସନ ନିକଟରେ ରହିବ। କୋଭିଡ୍ ପରିଚାଳନାରେ ନିୟୋଜିତ ଆମ୍ବୁଲାନ୍ସରେ ଜିପିଆର୍‌ଏସ୍ ସିଷ୍ଟମ ଲଗାଯାଇଥିବାବେଳେ ବେଡ୍, କୋଭିଡ୍ ପରିଚାଳନା, ଅକ୍ସିଜେନ୍ ଓ ରୋଗୀଙ୍କୁ କିଭଳି ଭାବେ ଚିକିତ୍ସା ଯୋଗାଇ ଦିଆଯାଉଛି, ତାହାର ତଥ୍ୟ ମଧ୍ୟ ପ୍ରଶାସନ ପାଇପାରିବ। ମେଡିକାଲର କୋଭିଡ୍ ଲାବ୍ ଭିତରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିବ। ଏହି କଣ୍ଟ୍ରୋଲ ରୁମ୍‌ରେ ପ୍ରଶାସନିକ ଅଧିକାରୀଙ୍କ ସହ ଡାକ୍ତର ଓ ଅନ୍ୟ କର୍ମଚାରୀ ୨୪ ଘଣ୍ଟିଆ କାର୍ଯ୍ୟ କରିବେ। ୪୦ ଜଣ ୪ଟି ସିଫ୍ଟରେ ଦାୟିତ୍ୱ ତୁଲାଇବେ। ଏହାଦ୍ୱାରା କେଉଁ ଅଞ୍ଚଳରେ କେଉଁ ଆମ୍ବୁଲାନ୍ସ ରହୁଛି ତାହା ପ୍ରଶାସନ ଜାଣିପାରିବ। ଫଳରେ ରୋଗୀଙ୍କୁ ତୁରନ୍ତ ସେବା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏହି କଣ୍ଟ୍ରୋଲ ରୁମ୍ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।




ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମ।

### ଘରେ ବସି ପାଇହେବ କୋଭିଡ୍ ରିପୋର୍ଟ

## ବାଳକୃଷ୍ଣ ପଟ୍ଟନାୟକଙ୍କ ଜୟନ୍ତୀ

ଛେଣ୍ଡିପଦା, ୧୯।୫(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ କଲେଜ ପରିସରରେ ବୁଧବାର ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବାଳକୃଷ୍ଣ ପଟ୍ଟନାୟକଙ୍କ ୧୦୨ତମ ଜୟନ୍ତୀ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଜଗବନ୍ଧୁ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ଅତିଥି ଓ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ରସାନନ୍ଦ ସାହୁଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ତୁକୁଡା ବାଳକୃଷ୍ଣ ପଟ୍ଟନାୟକ ଯୁବମଞ୍ଚ ପକ୍ଷରୁ ଜୟନ୍ତୀ ପାଳନ କରାଯାଇଛି। ଯୁବମଞ୍ଚ ଆବାହକ ସାମାଜିକ କର୍ମୀ ସୁମନ୍ତ ସାହୁ, ସଦସ୍ୟ ଆଶିଷ କୁମାର ସାହୁ ଓ ଆଶୁତୋଷ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ଆଜି କ'ଣ କେଉଁଠି

ଭୁବନ
- ଏବିଭିପି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଷ୍ଣୁପ୍ରିୟା ଗ୍ୟାଲାକ୍ସି, ସମୟ: ପୂର୍ବାହ୍ଣ ୯ଟା।

## ହାତୀ ଆକ୍ରମଣରେ ଜଣେ ଗୁରୁତର



**ପରଜଙ୍ଗ, ୧୯।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ କଙ୍କିଳି ଜରିତଇଲା ଗ୍ରାମ ନିକଟ ଆମ୍ବତୋଟାରେ ବୁଧବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ରେଣୁ ସେଠୀ (୪୫)। ସକାଳେ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ରେଣୁ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୧୯।୫:** ଢେଙ୍କାନାଳ ସହର କାଠଗଡ଼ା ଅଞ୍ଚଳର ଏକ ଘର ଭିତରୁ ବୁଧବାର ମହାଦେବ ବେହେରା (୨୨)ଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ନଂ. ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମହାଦେବଙ୍କ ଘର ପର୍ବତିଆ ସାହିରେ। ସେ ଉକ୍ତ ଘରର ଦେଖାରଖା କରୁଥିଲେ। ତେବେ ତାଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଦୁର୍ଘଟଣାରେ ବ୍ୟାଙ୍କ କର୍ମଚାରୀ ମୃତ

**ଜଳେଶ୍ୱର,୧୯।୫ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ୫୭ନଂ ରାଜ୍ୟ ରାଜପଥର ତାଳବଣିଆ ନିକଟରେ ବୁଧବାର ଦୁର୍ଘଟଣାରେ ବ୍ୟାଙ୍କ କର୍ମଚାରୀ ତପନ ଦେଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର କମର୍ଦ୍ଦା ଥାନା ଅନ୍ତର୍ଗତ ବାରବାଟିଆ ଗ୍ରାମରେ। କିୟୋଙ୍କ ବ୍ୟାଙ୍କ କର୍ମଚାରୀ ତପନ ବାଇକ୍‌ରେ ଜଳେଶ୍ୱର ଷ୍ଟେଟ୍ ବ୍ୟାଙ୍କକୁ ଆସୁଥିବା ବେଳେ ସାମ୍ନାପଟୁ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲକୁ ଅଣାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା।

## ଦେହରେ ନିଆଁ ଲଗାଇ ମହିଳା ଗୁରୁତର

**ଠାକୁରମୁଣ୍ଡ,୧୯।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଜାମୁନଣ୍ଡା ଗ୍ରାମର ଜଣେ ମହିଳା ବୁଧବାର କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଶରୀରର ୯୦% ପୋଡ଼ି ଯାଇଛି। ତାଙ୍କୁ ଠାକୁରମୁଣ୍ଡା ଓ ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ଘର ବୁଲିବେ ସ୍ୱାସ୍ଥ୍ୟକର୍ମୀ

- ଭୋଜି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ବହିରାଗତଙ୍କ ସଙ୍ଗରୋଧ ଉପରେ ଗୁରୁତ୍ୱ
- ପ୍ରତି ବ୍ଲକରେ ୨ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୯।୫**

ଢେଙ୍କାନାଳ ଜିଲାରେ ବଢୁଥିବା କରୋନା ସଂକ୍ରମଣ ପ୍ରତିରୋଧ କରିବା ଲାଗି ପ୍ରଶାସନ ତତ୍ପର ହୋଇଉଠିଛି। ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧି ବୃଦ୍ଧି କରିବା ପରେ ଜିଲାରେ ତଦନୁଯାୟୀ କଟକଣା ଜାରି କରାଯାଇଛି। ଗ୍ରାମାଞ୍ଚଳରେ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଲାଗି ଆସନ୍ତା ୨୪ ତାରିଖରୁ ସ୍ୱାସ୍ଥ୍ୟକର୍ମୀମାନେ ଘର ବୁଲିବେ। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି।

ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ଆୟୋଜିତ ବୈଠକରେ ଯୋଗଦେଇ ଜିଲାପାଳ କରୋନା ସ୍ଥିତି ବିଷୟରେ ସମୀକ୍ଷା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୧ ଯାଏ ଲକ୍‌ଡାଉନ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରିରହିବ। ସକାଳ ୭ଟାରୁ ୧୧ଟା ଯାଏ ଅନୁମତି ପ୍ରଦାନ କରାଯାଇଥିବା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ। ବିବାହ, ବ୍ରତରେ ୨୫ ଏବଂ ଶୁଦ୍ଧିକ୍ରିୟାରେ ସର୍ବାଧିକ ୨୦ ଜଣ ଉପସ୍ଥିତ ରହିପାରିବେ। ଏହି ସମୟରେ କୌଣସି ଭୋଜିର ଆୟୋଜନ କରାଯାଇପାରିବ ନାହିଁ। ଧାର୍ଯ୍ୟ ଜନସଂଖ୍ୟାଠାରୁ ଅଧିକ ସମାଗମ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୨୪ ତାରିଖରୁ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବେ। କାହାରି ନିକଟରେ କରୋନା ଲକ୍ଷଣ ଦେଖାଦେଲେ ତୁରନ୍ତ ଟେଷ୍ଟ କରାଯିବ। ଲକ୍ଷଣ ଅନୁଯାୟୀ ସେମାନଙ୍କୁ ହୋମ୍ ଆଇସୋଲେଶନ, କୋଭିଡ୍ କେୟାର ସେଣ୍ଟର କିମ୍ବା କୋଭିଡ୍ ହସ୍ପିଟାଲରେ



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ରଖାଯାଇ ଚିକିତ୍ସା କରାଯିବ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଗୃହ ସଙ୍ଗରୋଧରେ ଥିବା ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିୟମିତ ତଥ୍ୟ ସଂଗ୍ରହ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

କରୋନା ମହାମାରୀ ସମୟରେ ଜିଲାକୁ ଆସୁଥିବା ବହିରାଗତ ଭୂତାଣୁ ବାହକ ହୋଇପାରନ୍ତି। ଜିଲା କିମ୍ବା ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସରପଞ୍ଚ, ଗାଁ କଲ୍ୟାଣ ସମିତି ସଦସ୍ୟ, ଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ନଜର ରଖିବେ। ଆବଶ୍ୟକସ୍ଥଳେ ସେମାନଙ୍କ ସଙ୍ଗରୋଧ କେନ୍ଦ୍ରରେ ରଖିବା ବ୍ୟବସ୍ଥା କରିବା ଲାଗି ଯତ୍ନଶୀଳ ହେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କ୍ଲଷ୍ଟର ଟିଏମ୍‌ସିର କାର୍ଯ୍ୟକାରିତା, କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା, ଆନୁଷଙ୍ଗିକ ଉପକରଣର ସୁବନ୍ଦୋବସ୍ତ, ଅଧିକରୁ ଅଧିକ କରୋନା ପରୀକ୍ଷା, ପ୍ରତି ବ୍ଲକରେ ୨ଟି ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବା, ପଞ୍ଚାୟତରେ ଶବଦାହ ଲାଗି ସ୍ଥାନ ନିରୂପଣ, ସଂକ୍ରମିତଙ୍କ ମୃତ୍ୟୁ ଘଟିଲେ ବ୍ୟବସ୍ଥିତ ଢଙ୍ଗରେ ଶେଷକୃତ୍ୟ ସମ୍ପନ୍ନ ଆଦି ବିଷୟରେ ଆଲୋଚନା ହୋଇଥିଲା। କରୋନା ଆକ୍ରାନ୍ତମାନେ ବାହାରେ ବୁଲାବୁଲି ନ କରିବା, ସଂକ୍ରମଣ ରୋକିବାକୁ ସମସ୍ତେ ମାସ୍କ ପରିଧାନ କରିବା, ସାମାଜିକ ଦୂରତ୍ୱ ରକ୍ଷା, ବ୍ୟକ୍ତିଗତ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ୧୬୨ ଆକ୍ରାନ୍ତ, ୧୬୭ ସୁସ୍ଥ

- ହିନ୍ଦୋଳ ବ୍ଲକରେ ବଢୁଛି ସଂକ୍ରମଣ
- ଗାଲପଡ଼ା କଣ୍ଟେନମେଣ୍ଟ ଜୋନ୍
- ଜିଲାରେ ୧,୮୩୧ ସକ୍ରିୟ ଆକ୍ରାନ୍ତ

ଢେଙ୍କାନାଳ ଜିଲାରେ ଲଗାତର ଦ୍ୱିତୀୟ ଦିନ ଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି। ବୁଧବାର ଜିଲାରୁ ୧୬୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୬୭ଜଣ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫୧ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୧ଜଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ହିନ୍ଦୋଳ ବ୍ଲକ ଗାଲପଡ଼ା ପଞ୍ଚାୟତର ନିମବାହାଲି ଗ୍ରାମକୁ ୧୯ ତାରିଖ ସକାଳ ୭ଟାରୁ ୨୨ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

ନୂଆ ସଂକ୍ରମିତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକରୁ ସର୍ବାଧିକ ୫୮ ଜଣ ଅଛନ୍ତି। ସେହିପରି ଢେଙ୍କାନାଳ ପୌରାଞ୍ଚଳରୁ ୩୭, ସଦର ବ୍ଲକରୁ ୧୭, ହିନ୍ଦୋଳ ଏନ୍‌ଏସିରୁ ୧୩, ଭୁବନ ବ୍ଲକରୁ ୩ ଓ ଏନ୍‌ଏସିରୁ ୩, କାମାକ୍ଷାନଗର ବ୍ଲକରୁ ୯ ଓ ଏନ୍‌ଏସିରୁ ୧, ଓଡ଼ାପଡ଼ା ବ୍ଲକରୁ ୧୨, ଗଁଦିଆ ବ୍ଲକରୁ ୫, କଙ୍କଡ଼ାହାଡ଼ ବ୍ଲକରୁ ୪ ଜଣ ରହିଛନ୍ତି। ଜିଲାରେ ଅଦ୍ୟାବଧି ୨ଲକ୍ଷ ୭୦ ହଜାର ୮୦୫ଜଣଙ୍କ ଟେଷ୍ଟିଂ ହୋଇଛି। ତନ୍ମଧ୍ୟରୁ ୮,୯୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୭,୦୮୨ଜଣ ସୁସ୍ଥ ହୋଇସାରିଲେଣି। ୧,୮୩୧ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ୟାଙ୍କରରୁ ଅକ୍ସିଜେନ ଲିକ୍



ଟ୍ୟାଙ୍କରରୁ ଅକ୍ସିଜେନ୍ ଲିକ୍ ହୋଇ ପରିବେଶ ଧୂଆଁମୟ ହୋଇଯାଇଛି।

**ଢେଙ୍କାନାଳ ଅଫିସ, ୧୯।୫**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନାଧରା ନିକଟ ୫୫ନଂ. ଜାତୀୟ ରାଜପଥରେ ବୁଧବାର ସକାଳେ ଅକ୍ସିଜେନ ପରିବହନ କରୁଥିବା ଏକ ଟ୍ୟାଙ୍କରରୁ ଅକ୍ସିଜେନ ଲିକ୍ ହୋଇଯାଇଥିଲା। ଏହାକୁ ବନ୍ଦ କରିବାକୁ ଚାଳକ ଯଥାସାଧ ଉଦ୍ୟମ କରିଥିଲେ ମଧ ତାହା ସମ୍ଭବପର ହୋଇ ନ ଥିଲା। ଫଳରେ ଅଳ୍ପ ସମୟ ଭିତରେ ଟ୍ୟାଙ୍କରରୁ ସବୁ ଅକ୍ସିଜେନ୍ ଖାଲି ହୋଇଯାଇଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଉକ୍ତ ଟ୍ୟାଙ୍କର କଟକ ଅଭିମୁଖେ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। କରୋନା ମହାମାରୀ ସମୟରେ ଅକ୍ସିଜେନ୍ ସଙ୍କଟ ଦେଖାଦେଉଥିବାବେଳେ ଏଭଳି ଘଟଣା ଦୁଃଖଦ। ଘଟଣା ସମ୍ପର୍କରେ ସୂଚନା ପାଇ ମୋଟଙ୍ଗା ପୋଲିସ ପହଞ୍ଚିବା ବେଳକୁ ଚାଳକ ଗାଡ଼ି ନେଇ ପଳାଇଥିଲେ। ତେବେ ଅକ୍ସିଜେନ କେଉଁଠାରୁ କେଉଁସ୍ଥାନକୁ ଯୋଗାଣ ହେଉଥିବା ଏବଂ କେଉଁ କାରଣ ପାଇଁ ଏହା ଲିକ୍ ହେଲା ସେ ନେଇ କୌଣସି ସୂଚନା ମିଳିନାହିଁ। ଏପରି କି ସ୍ଥାନୀୟ ଅଗ୍ନି ସେବା ସଂସ୍ଥା ନିକଟରେ ମଧ ଘଟଣା ସମ୍ପର୍କରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି।

## ୮ ଫୁଟ୍‌ର ଅଜଗର ଉଦ୍ଧାର

**ପାଟଣା, ୧୯।୫(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ବିଟ ଫୁଲପାହାଡ଼ି ଗ୍ରାମପଡ଼ିଆରୁ ବୁଧବାର ସକାଳୁ ଏକ ୮ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରି ବନ ବିଭାଗ ପୁରୁଣିଆ ସଂରକ୍ଷିତ ଜଙ୍ଗଲରେ ଛାଡିଦେଇଛି। ସୂଚନା ଅନୁଯାୟୀ ବୁଧବାର ସକାଳୁ ଏକ ଅଜଗର ସାପ ଗାଁ ନିକଟ ପଡ଼ିଆରେ ଘୁରି ବୁଲୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ସାହାରପଡା ଫରେଷ୍ଟର ମୋହିନୀ ମହାନ୍ତ ଓ ସ୍ନେକ ହେଲ୍ପଲାଇନ ଗ୍ରାମରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଟ୍ରେନ୍‌ରେ ଚାଲିଗଲା ଜୀବନ

### କରୋନା ଭୟରେ ସୁରଟରୁ ଘରକୁ ଫେରୁଥିଲେ

**ଅନୁଗୋଳ ଅଫିସ, ୧୯।୫**

କରୋନା ଯୋଗୁ କମ୍ପାନୀ ସ୍ଥିତି ଭଲ ନ ଥିଲା। ତେଣୁ ସୁରଟରେ ପଡ଼ିରହିବା ଅପେକ୍ଷା ଭଦ୍ରକସ୍ଥିତ ଘରକୁ ଫେରିଆସୁଥିଲେ। ହେଲେ ଟ୍ରେନ୍ ମଧ୍ୟରେ ହିଁ ଚାଲିଗଲା ଭଦ୍ରକ ଜିଲା ବନ୍ତ ଥାନା ଦେବତାଗାଡ଼ିଆ ଅଞ୍ଚଳର ସୁବାସ ବେହେରା(୪୭)ଙ୍କ ଜୀବନ। ଅନୁଗୋଳ ଷ୍ଟେଶନରେ ସୁରଟ-ପୁରୀ ଏକ୍ସପ୍ରେସ୍ ମଧ୍ୟରୁ ସୁବାସଙ୍କ ମୃତଦେହ କଢ଼ାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଟ୍ରେନ୍‌ରୁ କୌଣସି ମୃତଦେହ କଢ଼ାଯିବା ଅନୁଗୋଳ ଷ୍ଟେଶନ ପାଇଁ ପ୍ରଥମ ଘଟଣା।

ସୁରଟ-ପୁରୀ ଏକ୍ସପ୍ରେସ୍ ଏସ୍-୬ ବଗିର ୭୬ ନମ୍ବର ସିଟ୍‌ରେ ବସିଥିଲେ ସୁବାସ। ସେହି ଟ୍ରେନ୍‌ରେ ୫୧ ଯାତ୍ରୀ ଆସୁଥିବାବେଳେ ତାଙ୍କର ଜଣେ ସାଙ୍ଗ ମଧ ଥିଲେ। ତାଙ୍କ ସହ ସେ ସୁରଟରୁ ଭଦ୍ରକ ଫେରୁଥିଲେ। ଟ୍ରେନ୍ ସୁରଟ ଛାଡ଼ିବା ପରେ ସୁବାସ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଏ ନେଇ ରେଲୱେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା।



ଅନୁଗୋଳ ଷ୍ଟେଶନ ମଧ୍ୟରୁ ମୃତଦେହ ବାହାରକୁ ଅଣାଯାଉଛି।

ମହାରାଷ୍ଟ୍ରର ଗୋନ୍ଦିଆ ଷ୍ଟେଶନରେ ତାଙ୍କର ଚିକିତ୍ସା କରାଯାଇଥିଲା। ଡାକ୍ତରୀ ଟିମ୍ ତାଙ୍କୁ ଔଷଧ ଦେଇ ଛାଡ଼ିଥିଲେ। ଟ୍ରେନ୍ ରେଢ଼ାଖୋଲ ପାର ହେବା ପରେ ସୁବାସ ହଠାତ୍ ବାନ୍ତି କରି ନିସ୍ତେଜ ହୋଇଯାଇଥିଲେ। କୌଣସି ଷ୍ଟପେଜ ନ ଥିବାରୁ ଅନୁଗୋଳ ଷ୍ଟେଶନ୍‌କୁ ସୂଚନା ଦିଆଯାଇଥିଲା। ଗୁରୁତର ଯାତ୍ରୀଙ୍କ ଚିକିତ୍ସା ପାଇଁ ଅନୁଗୋଳ ଷ୍ଟେଶନରେ ଜଣେ ଫାର୍ମାସିଷ୍ଟ ଓ ନର୍ସ ଅପେକ୍ଷା କରିଥିଲେ। ପୂର୍ବାହ୍ଣ ୧୦ଟା ୩୫ରେ ଟ୍ରେନ୍ ପହଞ୍ଚିବା ପରେ ସେମାନେ ଚିକିତ୍ସା ପାଇଁ ବଗି ମଧ୍ୟକୁ ଯାଇଥିଲେ। ହେଲେ ସେତେବେଳକୁ ସୁବାସଙ୍କ ମୃତ୍ୟୁ ହୋଇସାରିଥିଲା। ତାଙ୍କ ମୃତଦେହ କଢ଼ାଯାଇ ୧ ନମ୍ବର ପ୍ଲାଟ ଫର୍ମରେ ରଖାଯାଇଥିଲା। ପରେ ରେଲୱେ କର୍ମଚାରୀମାନେ ପିପିଇ କିଟ୍ ପିନ୍ଧି ମୃତଦେହ ଆମ୍ବୁଲାନ୍ସରେ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଆର୍‌ପି ପକ୍ଷରୁ ନଂ. ୨୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ମୋବାଇଲ୍ ଗେମ୍ ଖେଳରୁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଜଳେଶ୍ୱର,୧୯।୫ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ଗୌର ବେଲଦା ଗ୍ରାମରେ ମୋବାଇଲ୍ ଗେମ୍ ଖେଳି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିବା ପରିବାର ଲୋକ କହିଛନ୍ତି। ସୂଚନା ଅନୁଯାୟୀ, ସେ ଘରେ ବସି ବସି ସବୁବେଳେ ମୋବାଇଲ୍‌ରେ ଗେମ୍ ଖେଳୁଥିଲେ। ବାପା, ମା' ଯେତେ ବୁଝାଇଲେ ବି ସେ ନ ଶୁଣି ଖେଳରେ ମଜି ରହୁଥିଲେ। ଏକପ୍ରକାର ଖାଇବା ପିଇବା ମଧ ଛାଡ଼ି ଦେଇଥିଲେ। ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ସେ ଉକ୍ତ ଗେମ୍ ଖେଳୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ବୁଧବାର ସକାଳେ ସେ ଘରେ ନ ଥିବା ଦେଖି ତାଙ୍କ ମା' ପରିବାର ଲୋକଙ୍କୁ ଜଣାଇଥିଲେ। ସେମାନେ ବହୁ ଖୋଜାଖୋଜି କରିବାପରେ ଘର ପଛପଟେ ଏକ ଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଚେତାଶୂନ୍ୟ ଥିବାବେଳେ ଉଦ୍ଧାର କରି ପ୍ରଥମେ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ଗୁରୁତର ଥିବାବେଳେ ଗଛ ଡାଳ ଭାଙ୍ଗିଯିବାରୁ ସେ ବର୍ତ୍ତିଯାଇଥିବା କୁହାଯାଇଛି।

## ମନେପଡ଼ିଲେ ମୂଷା ମଲ୍ଲିକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୧୯।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ୬୦ତମ ତିରୋଧାନ ଦିବସ ବୁଧବାର କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ବାଲିଗୋରଡ଼ ହାଇସ୍କୁଲ ପରିସରରେ ଥିବା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳ ଜିଲାର ଅବଦାନ ଅତୁଳନୀୟ। ବାଜି ରାଉତଙ୍କଠାରୁ ଆରମ୍ଭ କରି ଅନେକ ସଂଗ୍ରାମୀ ଏଥିରେ ସାମିଲ ହୋଇଥିଲେ। ମୂଷା ମଲ୍ଲିକଙ୍କ ଆଦର୍ଶ, ସଂଗ୍ରାମ ଜୀବନର କାହାଣୀ ସବୁବେଳେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, କାମାକ୍ଷାନଗର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ପାଣି, ଶ୍ରମିକ ନେତା ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୫**

ଢେଙ୍କାନାଳ ଜିଲା ରକ୍ତ ଭଣ୍ଡାର ପରିସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ବିଜେଡି ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କରୋନା ମହାମାରୀ ସମୟରେ ରକ୍ତ ଅଭାବ ଦୂର ଲାଗି ଛାତ୍ର ବିଜେଡି ପକ୍ଷରୁ ଦ୍ୱିତୀୟ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ରାଜ୍ୟ ମହିଳା ଉପସଭାନେତ୍ରୀ ସାଗରିକା ମିଶ୍ର, ଶ୍ରୀକାନ୍ତ ଧଳ, ଦେବୀଶଙ୍କର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର କର୍ମଚାରୀ ପରମାନନ୍ଦ ପଣ୍ଡା, ରୋହିତ ଦାସ, ସୌଭାଗ୍ୟ ମିଶ୍ର, ତପନ ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଟ୍ରଲିରେ ବୁହାହେଲା ମୃତଦେହ

- ପୋଖରୀରେ ବୁଡ଼ି ହୋଇଥିଲା ମୃତ୍ୟୁ
- ମିଳିଲାନି ମହାପ୍ରୟାଣ କି ଭଡ଼ା ଗାଡ଼ି

**ଭୁବନ, ୧୯।୫(ଡି.ଏନ.ଏ.)**

ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି ଚାଲିଗଲା ଜୀବନ। ପରିବାର ଲୋକଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରିବାକୁ ଡାକ୍ତରଖାନା ନେବାକୁ ମିଳି ନ ଥିଲା ମହାପ୍ରୟାଣ ଗାଡ଼ି। ଲକ୍‌ଡାଉନ୍ ଥିବାରୁ ଅନ୍ୟ କୌଣସି ଭଡ଼ା ଗାଡ଼ି ମଧ ଆସିବାକୁ ଅମଙ୍ଗ ହୋଇଥିଲେ। ଫଳରେ ଏକ ଟ୍ରଲିରେ ପୋଖରୀରୁ ଡାକ୍ତରଖାନା ଯାଏ ମୃତଦେହ ବୁହାହୋଇ ଯାଇଥିଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ, ଯାହା ଏବେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଭୁବନ ଏନ୍‌ଏସିର ୨ନଂ. ୱାର୍ଡ କରଣ ସାହିର ବିଳାସ ବେହେରା (୫୬) ଜଣେ ନିର୍ମାଣ ଶ୍ରମିକ। ବୁଧବାର ଅପରାହ୍ଣରେ ସେ ଘର ନିର୍ମାଣ କାର୍ଯ୍ୟରୁ ଫେରି ବେଣାଗାଡ଼ିଆ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ବିଳାସଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପାଣିରୁ ବାହାର କରିଥିଲେ। ମହାପ୍ରୟାଣ ଗାଡ଼ି କିମ୍ବା କୌଣସି ଭଡ଼ା ଗାଡ଼ି ଉପଲବ୍ଧ ନ ଥିବାରୁ ଶେଷରେ ଅନ୍ୟ ଉପାୟ ନ ପାଇ ମରଶରୀରକୁ ଏକ ଟ୍ରଲିରେ ବୋହି ଡାକ୍ତରଖାନାକୁ ଆଣିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଫୋନ୍ ମାଧ୍ୟମରେ ପୋଲିସକୁ ସୂଚନା ଦେଇଛନ୍ତି। ଖବର ଲେଖାଯିବା ଯାଏ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।



ମୃତଦେହକୁ ଟ୍ରଲିରେ ନିଆଯାଉଛି।

ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ପ୍ରଭାସ କୁମାର ବେଉରିଆ କୁହନ୍ତି, କରୋନା ମହାମାରୀ ସମୟରେ ମହାପ୍ରୟାଣ ଗାଡ଼ି ସମସ୍ୟା ରହିଛି। ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୨ ହଜାର ଟଙ୍କା ଦିଆଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ନିୟମ ଅନୁଯାୟୀ ଅନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ। ଏଭଳି ଘଟଣା ଘଟିଥିବା ଜଣାପଡ଼ିବା ପରେ ଆର୍‌ଆଇ ସଞ୍ଜୟ କୁମାର ଭୋଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର କହିଛନ୍ତି।

